# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 2 February - 2025

*******************************

## ବଜେଟ୍ – ମୁଖ୍ୟମନ୍ତ୍ରୀ

ସଂସଦରେ ଗତକାଲି ଉପସ୍ଥାପିତ ହୋଇଥିବା ବଜେଟ୍‌କୁ ବିଭିନ୍ନ କ୍ଷେତ୍ରରୁ ସ୍ୱାଗତ କରାଯାଇଛି । ବଜେଟ୍‌ରେ ଲୋକାଭିମୁଖୀ, ଜନକଲ୍ୟାଣକାରୀ ଓ ରୋଜଗାର ସୃଷ୍ଟିକାରୀ ଏବଂ ବିକାଶମୁଖୀ ପ୍ରତିଫଳନ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପନ କରିଥିବା ବଜେଟ୍ ଐତିହାସିକ, ଭବିଷ୍ୟତବାଦୀ ଏବଂ ସନ୍ତୁଳିତ ବଜେଟ୍ । ଶିକ୍ଷାକ୍ଷେତ୍ରରେ ଗବେଷଣା ଓ ଦକ୍ଷତା ବୃଦ୍ଧି ପର୍ଯ୍ୟନ୍ତ ମାନବପୁଞ୍ଜିର ସର୍ବାଙ୍ଗୀନ ବିକାଶକୁ ବଜେଟ୍ ପୂରା କରିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ବଜେଟ୍‌ରେ ଶିକ୍ଷା କ୍ଷେତ୍ର ପାଇଁ ୧ଲକ୍ଷ ୨୮ହଜାର ୬୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

ବଜେଟ୍ ଦେଶର ସାଧାରଣ ଲୋକଙ୍କର ଆଶା ଆକାଂକ୍ଷାକୁ ସାକାର କରିବାରେ ସହାୟକ ହେବ ବୋଲି ରେଭେନ୍ସା ବିଶ୍ୱବିଦ୍ୟାଳୟ ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗର ଅଧ୍ୟାପକ ଦେବୀଲାଲ ମିଶ୍ର କହନ୍ତି...

**V/o-**

# ସଂସଦରେ ନୂଆ ଆୟକର ବିଲ୍

କେନ୍ଦ୍ର ସରକାର ଆସନ୍ତା ସପ୍ତାହରେ ସଂସଦରେ ନୂଆ ଆୟକର ବିଲ୍ ଆଣିବେ । ନୂଆ ଆଇନ ସରଳ ଏବଂ ଟିକସ ବାବଦକୁ କମାଇବାରେ ସହାୟକ ହେବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ତାଙ୍କର ବଜେଟ୍ ଅଭିଭାଷଣରେ ଗତକାଲି କହିଛନ୍ତି । ଟିକସଦାତାଙ୍କ ପାଇଁ ନୂଆ ଆୟକର ବିଲ୍ ବୁଝିବା ସହଜ ହେବ । ନୂଆ ଆଇନ୍ ମାଧ୍ୟମରେ ବକେୟା ଟିକସ ହିସାବ କରିବା ଏବଂ ଆୟକର ରିଟର୍ଣ୍ଣ ଫାଇଲ କରିବା ସହଜ ହେବା ସହିତ ଆୟକର ଆଇନ୍ ୧୯୬୧ରେ କେତେକ ସଂଶୋଧନ କରାଯିବା ନେଇ ଅର୍ଥମନ୍ତ୍ରୀ ତାଙ୍କର ବଜେଟ୍ ଅଭିଭାଷଣରେ କହିଛନ୍ତି ।

ସୂଚନାଯୋଗ୍ୟ ଗତକାଲି ବଜେଟ୍ ଅଭିଭାଷଣରେ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟରେ' ଆୟକର ସମ୍ପୂର୍ଣ୍ଣ ଛାଡ଼ ପାଇଁ ଶ୍ରୀମତୀ ସୀତାରମଣ ଘୋଷଣା କରିଛନ୍ତି ।

# କେନ୍ଦ୍ରୀୟ ଅନୁଦାନ

କେନ୍ଦ୍ରୀୟ ଟିକସ ବାବଦରେ ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬ରେ ଓଡ଼ିଶାକୁ ଅଧିକ ୯ହଜାର ୧୭୬ କୋଟି ଟଙ୍କା ମିଳିବ । ସେହିଭଳି କେନ୍ଦ୍ରୀୟ ଅନୁଦାନ ବାବଦରେ ୬ହଜାର ୭୯୮ କୋଟି ଟଙ୍କା ରାଜ୍ୟ ପାଇବ । ଆଗାମୀ ଆର୍ଥିକ ବର୍ଷରେ ଓଡ଼ିଶା କେନ୍ଦ୍ର ସରକାରଙ୍କ ଠାରୁ ୧୫ହଜାର ୯୭୪କୋଟି ଟଙ୍କା ଅଧିକ ପାଇବ ବୋଲି ବଜେଟ୍ ଅନୁଦାନରୁ ଜଣାପଡିଛି ।

## ମୁଖ୍ୟମନ୍ତ୍ରୀ-ବର୍ଣ୍ଣବୋଧ

ମଧୁସୂଦନ ରାଓଙ୍କ ଆଜି ଜନ୍ମତିଥି ଅବସରରେ କୃଷି ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି 'ବର୍ଣ୍ଣବୋଧ ପୁସ୍ତକ'ର ଲୋକାର୍ପଣ କରିବେ । ଓଡ଼ିଆ ବର୍ଣ୍ଣବୋଧ ପ୍ରଥମେ ଓଡ଼ିଆ ଭାଷା ଶିକ୍ଷାର ମୂଳଦୂଆ ପକାଇଥିଲା । ମଧୁସୂଦନ ରାଓଙ୍କ ଦ୍ୱାରା ଲିଖିତ ବର୍ଣ୍ଣବୋଧ ବନାନଠାରୁ ଆରମ୍ଭ କରି ଯୁକ୍ତାକ୍ଷର ଶିକ୍ଷା ଏବଂ ଗଣିତ ଜ୍ଞାନ ପର୍ଯ୍ୟନ୍ତ ପିଲାମାନଙ୍କୁ ପାଠପଢ଼ାର ପ୍ରଥମ ପର୍ଯ୍ୟାୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ଦେଇଥାଏ ।

## ଶ୍ରୀମନ୍ଦିର-ସରସ୍ୱତୀ ପୂଜା

ପବିତ୍ର ମାଘ ଶୁକ୍ଳ ପଞ୍ଚମୀରେ ହିନ୍ଦୁ ସଂସ୍କୃତି ଅନୁସାରେ ମା' ସରସ୍ୱତୀଙ୍କୁ ସିଦ୍ଧିଦାତ୍ରୀ, କଳାର ଅଧିଷ୍ଠାତ୍ରୀ ତଥା ବିଦ୍ୟାଦାୟିନୀ ଭାବେ ପୂଜାର୍ଚ୍ଚନା କରାଯାଇଥାଏ । ବସନ୍ତ ମାସର ପଞ୍ଚମୀ ତିଥିରେ ମା' ସରସ୍ୱତୀଙ୍କର ତିଥି ପଡୁଥିବା ଯୋଗୁଁ ଏହାକୁ ବସନ୍ତ ପଞ୍ଚମୀ ବା ଶ୍ରୀପଞ୍ଚମୀ କୁହାଯାଇଥାଏ । ବସନ୍ତ ପଞ୍ଚମୀ ଉପଲକ୍ଷେ  ଦେଶରେ ଶ୍ରଦ୍ଧା, ଭକ୍ତି ଓ ଧର୍ମୀୟ ଭାବନାରେ ଶ୍ରୀପଞ୍ଚମୀ ପାଳନ କରାଯାଉଛି । ପୁରୀ ଶ୍ରୀମନ୍ଦିରରେ ଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ରଥଯାତ୍ରା ପାଇଁ ଆଜିଠାରୁ ପୂଜାର୍ଚ୍ଚନା ପୂର୍ବକ ରଥକାଠର ଅନୁକୂଳ ହେବ । ପରମ୍ପରା ଅନୁସାରେ ମହାପ୍ରଭୁଙ୍କ ରଥନିର୍ମାଣ ପାଇଁ ଆସିଥିବା କାଠ ମଧ୍ୟରୁ ୩ ଖଣ୍ଡ କାଠ ରଥଖଳାରେ ପୂଜା କରାଯିବ । ଆଗାମୀ ରଥଯାତ୍ରା କିଭଳି ଶାନ୍ତିଶୃଙ୍ଖଳା ଓ ସୁରୁଖୁରୁରେ ସମାପନ

ହେବ ମା’ ସରସ୍ୱତୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବ । ସରସ୍ୱତୀ ପୂଜା ଆଜି ସାରା

## ବାରବାଟୀ ଦିନିକିଆ-ଟିକଟ ବୁକିଂ

ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ପାଇଁ ଆଜିଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଟିକଟ ବୁକିଂ ଆରମ୍ଭ ହେବ । ଓଡ଼ିଶା କ୍ରିକେଟ୍ ଆସୋସିଏସନ - ଓସିଏ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୪ହଜାର ଟିକଟ ଅନ୍‌ଲାଇନ୍ ମାଧ୍ୟମରେ ବିକ୍ରି କରାଯିବ । ଜଣେ ବ୍ୟକ୍ତି ସର୍ବାଧିକ ୨ଟି ଟିକଟ ଅନ୍‌ଲାଇନ୍ ମାଧ୍ୟମରେ ବୁକିଂ କରିପାରିବେ ।

## ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ଦେବଗଡ ଜିଲ୍ଲା ସଂସ୍କୃତି ପରିଷଦ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ପ୍ରଧାନପାଟ ବଡବଗିଚା ପଡିଆଠାରେ ଜିଲ୍ଲା ମହୋତ୍ସବ ଉତ୍ସବ ପ୍ରଧାନପାଟ ଏବଂ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।

## ହକି ଇଣ୍ଡିଆ

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଗତକାଲିର ଫାଇନାଲ ମ୍ୟାଚ୍‌ରେ ବେଙ୍ଗଲ ଟାଇଗର୍ସ ୪-୩ ଗୋଲ୍‌ରେ ହାଇଦ୍ରାବାଦ ତୁଫାନ୍ସକୁ ହରାଇ ଚାମ୍ପିୟନ ହୋଇଛି । ଉଦ୍‌ଯାପନୀ ଉତ୍ସବ ଓ ୨ଟି

ସଂଘର୍ଷପୂର୍ଣ୍ଣ ହକି ଖେଳ ମୁକାବିଲାକୁ ପ୍ରାୟ ୩୦ହଜାର ଦର୍ଶକ ଉପଭୋଗ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏବଂ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉଦ୍‌ଯାପନୀ କ୍ରୀଡ଼ା ସମାବେଶରେ ଯୋଗ ଦେଇଥିଲେ ।